# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 13 March - 2025

*********************************

## ମୁଖ୍ୟ ସମ୍ବାଦ

- ପୋଲାଭରମ ପ୍ରସଙ୍ଗରେ ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ବିଧାନସଭା କାର୍ଯ୍ୟ ବାଧାପ୍ରାପ୍ତ; ଅପରାହ୍ନ ୪ଟା ପର୍ଯ୍ୟନ୍ତ ଗୃହ ମୁଲତବୀ

- ବିଶ୍ୱ ଅଡିଓ ଭିଜୁଆଲ ମନୋରଞ୍ଜନ ଶିଖର ସମ୍ମିଳନୀ 'ୱେଭ୍ସ'କୁ ବ୍ୟାପକ କରିବା ପାଇଁ ଆଜି ନୂଆଦିଲ୍ଲୀରେ ଅନୁଷ୍ଠିତ ହେଉଛି ବିଭିନ୍ନ ଦେଶର ରାଷ୍ଟ୍ରଦୂତଙ୍କ ସମ୍ମିଳନୀ

- ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଅସମ୍ପୂର୍ଣ୍ଣ କାର୍ଯ୍ୟ ଶେଷ କରିବା ପାଇଁ ଶ୍ରୀମନ୍ଦିର ସଂସ୍କୃତି ଉପଦେଷ୍ଟା କମିଟିର ନିଷ୍ପତ୍ତି

ଏବଂ

- କିଡ୍‌ନୀ ସ୍ୱାସ୍ଥ୍ୟର ସୁରକ୍ଷା ନେଇ ଆଜି ପାଳନ କରାଯାଉଛି ବିଶ୍ୱ କିଡ୍‌ନୀ ଦିବସ

# ବିଧାନସଭା

ବିଧାନସଭାର ବଜେଟ ଅଧିବେଶନ ଦ୍ୱିତୀୟ ପର୍ଯ୍ୟାୟର ପଞ୍ଚମ ଦିନରେ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଜି ଗୃହରେ ହଟ୍ଟଗୋଳ ହେବା ଯୋଗୁଁ ଗୃହକାର୍ଯ୍ୟ ବାରମ୍ବାର ବାଧାପ୍ରାପ୍ତ ହୋଇଥିଲା। ପୋଲାଭରମ ପ୍ରସଙ୍ଗରେ ଆଲୋଚନା ଦାବି କରି ବିଜେଡି ସଦସ୍ୟମାନେ ପ୍ରବଳ ହୋହଲ୍ଲା କରିବାରୁ ପ୍ରାଥମିକ ପର୍ଯ୍ୟାୟରେ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ପ୍ରଥମେ ୧୦ଟା ୩୪ ମିନିଟ୍‌ରୁ ସାଢ଼େ ୧୧ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ମଧ୍ୟ ହଟ୍ଟଗୋଳ ଜାରି ରହିଥିଲା। ବାଚସ୍ପତି ସମସ୍ତ ସଦସ୍ୟଙ୍କୁ ନିଜ ଆସନକୁ ଫେରିବା ପାଇଁ ଅନୁରୋଧ କରିଥିଲେ। ବିଜେଡି ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ପୋଲାଭରମ ପ୍ରସଙ୍ଗରେ ହୋହଲ୍ଲା କରିଥିଲେ। ବାଚସ୍ପତି ଶ୍ରୀମତୀ ପାଢ଼ୀ ଗୃହକୁ ଜଣାଇଥିଲେ ଯେ ବିଜେଡି ପକ୍ଷରୁ ଆଲୋଚନା ପାଇଁ ଦିଆଯାଇଥିବା ମୁଲତବୀ ନୋଟିସ୍‌କୁ ବିଭାଗୀୟ ମନ୍ତ୍ରୀଙ୍କ ନିକଟକୁ ପଠାଯାଇଛି। ବିଭାଗୀୟ ମନ୍ତ୍ରୀଙ୍କ ସୂଚନା ଅନୁସାରେ, ଏହି ପ୍ରସଙ୍ଗ ବର୍ତ୍ତମାନ ଉଚ୍ଚନ୍ୟାୟାଳୟଙ୍କ ବିଚାରାଧୀନ ଥିବାରୁ ଗୃହରେ ମୁଲତବୀ ଆଲୋଚନା ନିମନ୍ତେ ଆଗତ କରାଯାଇପାରିବ ନାହିଁ।

ଏହାର ପ୍ରତିବାଦରେ ହଟ୍ଟଗୋଳ ଜାରି ରହିବାରୁ ବାଚସ୍ପତି ପୁଣିଥରେ ଗୃହକୁ ୧୧ଟା ୩୩ ମିନିଟ୍‌ରୁ ୧୨ଟା ୧୫ ମିନିଟ୍ ପର୍ଯ୍ୟନ୍ତ ଏବଂ ତା’ପରେ ୧୨ଟା ୧୫ରୁ ୧୨ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଗୃହକୁ ମୁଲତବୀ

ରଖିଥିଲେ। କଂଗ୍ରେସ ବିଧାୟକମାନେ ଆଜି ମଧ୍ୟ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ନିଲମ୍ବନ ପ୍ରତିବାଦ ଏବଂ ନାରୀ ସୁରକ୍ଷା ପାଇଁ ଗୃହ କମିଟି ଗଠନ ପ୍ରସଙ୍ଗରେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହଟ୍ଟଗୋଳ ଏବଂ ବିଶୃଙ୍ଖଳିତ ସ୍ଥିତି ଜାରି ରହିବାରୁ ବାଚସ୍ପତି ଗୃହକୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି।

***HS***

## ବିଧାନସଭା-୧

ରାଜ୍ୟରେ ୧୫ଟି ବୃହତ, ୫୬ଟି ମଧ୍ୟମ, ୪ ହଜାର ୨ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ସଂପୂର୍ଣ୍ଣ ହୋଇ ଚାଷ ଉପଯୋଗୀ ହୋଇଛି ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଆଜି ବିଧାନସଭାରେ କହିଛନ୍ତି । ଏଥିସହ ଆଗାମୀ ଦିନରେ ୩୧ଟି ବୃହତ ଏବଂ ମଧ୍ୟମ ଜଳସେଚନ ପ୍ରକଳ୍ପ, ୨୭ଟି ବ୍ୟାରେଜ୍ ପ୍ରକଳ୍ପ, ୭୨ଟି ଇନଷ୍ଟ୍ରିମ ଷ୍ଟୋରେଜ ପ୍ରକଳ୍ପ ଏବଂ ୭୯ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କରିବା ପାଇଁ ସରକାରଙ୍କ ପ୍ରସ୍ତାବ ରହିଛି। ତେବେ ଏହି ସବୁ ପ୍ରକଳ୍ପ ପାଇଁ ମୋଟ୍ ୮୪ ହଜାର ୨୪୦ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ନୂତନ ପ୍ରକଳ୍ପ ଗୁଡ଼ିକର ନିର୍ମାଣ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରମାନେ ମିଳିତ ଭାବେ ଅର୍ଥ ବିନିଯୋଗ କରିବେ ବୋଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି ।

***HS***

## ବିଧାନସଭା-୨

ଦୁଇ ବର୍ଷ ମଧ୍ୟରେ ରାଜ୍ୟରେ ସାପ କାମୁଡ଼ାରେ ୧ ହଜାର ୮୫୯ ଜଣ ଲୋକଙ୍କ ମୃତ୍ୟୁ ହୋଇଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ସୁରେଶ ପୂଜାରୀ ଆଜି ବିଧାନସଭାରେ କହିଛନ୍ତି। ଗତ ଆର୍ଥିକ ବର୍ଷ ୨୦୨୩-୨୪ରେ ୧ ହଜାର ୧୫୦ ଜଣ ସାପ କାମୁଡାରୁ ପ୍ରାଣ ହରାଇଛନ୍ତି । ଏଥିରେ ୧୦୨୨ ଜଣ ପରିବାରକୁ ଅନୁକମ୍ପା ରାଶି ପ୍ରଦାନ କରାଯାଇଛି । ସେହିପରି ଚଳିତ ଆର୍ଥିକ ବର୍ଷ ୨୦୨୪-୨୫ରେ ୭୦୯ ଜଣଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଥିବାବେଳେ ୪୩୫ ଜଣଙ୍କ ପରିବାରକୁ ଅନୁକମ୍ପା ରାଶି ପ୍ରଦାନ କରାଯାଇଛି ।

***HS***

## ବିଧାନସଭା-୩

ରାଜ୍ୟରେ ବିଗତ ଏକ ବର୍ଷ ମଧ୍ୟରେ ସଡ଼କ ଦୁର୍ଘଟଣାରେ ୫ ହଜାର ୪୩୩ ଜଣ ମୃତ୍ୟୁ ହୋଇଥିବା ପରିବହନ ମନ୍ତ୍ରୀ ବିଭୂତି ଜେନା ଗୃହରେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ କହିଛନ୍ତି। ସଡ଼କ ସୁରକ୍ଷା ମାସରେ ୫୦୫ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୮୪୮ଟି ଦୁର୍ଘଟଣାରେ ୪୭୨ ଜଣ ଆହତ ହୋଇଥିଲେ । ସଡ଼କ ସୁରକ୍ଷା ସଚେତନତା ପାଇଁ ରାଜ୍ୟ ସରକାର ଏକ କୋଟି ୮୯ ଲକ୍ଷ ୬୬ ହଜାର ୬୯୪ ଟଙ୍କା ଖର୍ଚ୍ଚ କରିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି।

***HS***

## ବିଧାନସଭା-୪

ରାଜ୍ୟରେ ୨୦ ହଜାର ୪୩୫ ଏକର ଅନାବାଦୀ ଜମି ଜବରଦଖଲରେ ରହିଛି ବୋଲି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନର ଉତ୍ତରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଆଜି ବିଧାନସଭାରେ କହିଛନ୍ତି । ଯାଜପୁର ଜିଲ୍ଲାରେ ସର୍ବାଧିକ ୭ ହଜାର ୧୬୦ ଏକର ଅନାବାଦୀ ଜମି ଜବରଦଖଲ ହୋଇଥିବାବେଳେ ସମ୍ବଲପୁରରେ ୪ ହଜାର ୪୦୩ ଏକର ଅନାବାଦୀ ଜମି ଜବରଦଖଲରେ ରହିଛି ।

***Desk***

## ୱେଭ୍ସ୍

ଆସନ୍ତା ମଇ ମାସ ୧ ତାରିଖରୁ ୪ ତାରିଖ ପର୍ଯ୍ୟନ୍ତ ମୁମ୍ବାଇରେ ହେବାକୁ ଥିବା ବିଶ୍ୱ ଅଡିଓ ଭିଜୁଆଲ ଏବଂ ମନୋରଞ୍ଜନ ଶିଖର ସମ୍ମିଳନୀ-ୱେଭ୍ସ୍‌କୁ ବ୍ୟାପକ କରିବା ଲାଗି କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି । ଏହି ପରିପ୍ରେକ୍ଷୀରେ ଆଜି ଅପରାହ୍ନରେ ନୂଆଦିଲ୍ଲୀରେ ୧୦୦ ରୁ ଅଧିକ ଦେଶର ରାଷ୍ଟ୍ରଦୂତ ଏବଂ ଉଚ୍ଚଆୟୁକ୍ତଙ୍କୁ ୱେଭ୍ସ୍ ସମ୍ପର୍କରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍.ଜୟଶଙ୍କର, ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ସୂଚନା ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍.ମୁରୁଗାନ ଆଲୋଚନା କରିବେ । ବିଶ୍ୱସ୍ତରରେ ସୌହାର୍ଦ୍ଦ୍ୟ ବୃଦ୍ଧି ଉଦ୍ଦେଶ୍ୟରେ ୱେଭ୍ସ୍ ତତ୍ତ୍ୱାବଧାନରେ ଗଣମାଧ୍ୟମ ଓ ମନୋରଞ୍ଜନ କ୍ଷେତ୍ରରେ ବିଭିନ୍ନ ରାଷ୍ଟ୍ରଙ୍କ ପାଇଁ ସମାନ ସୁଯୋଗ ଉପଲବ୍ଧ କରିବା ପାଇଁ

ଆଜି ଏହି ସମ୍ମିଳନୀର ଆୟୋଜନ କରାଯାଇଛି । ୱେଭ୍ସ୍ ହେଉଛି ଏକ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ ଯାହାକି, ସମଗ୍ର ଗଣମାଧ୍ୟମ ଓ ମନୋରଞ୍ଜନ କ୍ଷେତ୍ରକୁ ଏକାଠି କରି ମଇ ମାସ ୧ ତାରିଖରୁ ୪ ତାରିଖ ପର୍ଯ୍ୟନ୍ତ ମୁମ୍ବାଇଠାରେ ଏକ ସମ୍ମିଳନୀର ଆୟୋଜନ କରାଯିବ ।

***Puri***

## ପୁରୀ ଶ୍ରୀମନ୍ଦିର ପ୍ରକଳ୍ପ କାର୍ଯ୍ୟ

ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସମେତ ଅନ୍ୟ କେତେକ ଅସମ୍ପୂର୍ଣ୍ଣ ଥିବା ପ୍ରକଳ୍ପ କାର୍ଯ୍ୟ ଶେଷ କରିବା ପାଇଁ ଆଜି ଗଜପତି ମହାରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରୀମନ୍ଦିର ସଂସ୍କୃତି ଉପଦେଷ୍ଟା କମିଟିର ବୈଠକରେ ନିଷ୍ପତ୍ତି ନିଆଯାଇଛି । ଉତ୍ତର ଦ୍ୱାର ନିକଟରେ ଶ୍ରଦ୍ଧାଳୁମାନେ ଯେପରି ସୁବିଧାରେ ମହାପ୍ରସାଦ ସେବନ କରିପାରିବେ, ସେହି ବିଷୟରେ ବୈଠକରେ ଆଲୋଚନା ହୋଇଥିଲା । ଏହା ବ୍ୟତୀତ ଶ୍ରୀଗୁଣ୍ଡିଚା ମନ୍ଦିରରେ ଆସନ୍ତା ବର୍ଷ ରଥଯାତ୍ରା ସୁଦ୍ଧା ସମସ୍ତ ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା ବୋଲି ଗଜପତି ମହାରାଜ କହିଛନ୍ତି ।

**- V/O –**

***Puri***

## ଶ୍ରୀମନ୍ଦିର- ମେଣ୍ଢାପୋଡ଼ି ନୀତି

ପୁରୀ ଶ୍ରୀମନ୍ଦିରରେ ଆଜି ସନ୍ଧ୍ୟାରେ ପାରମ୍ପରିକ ରୀତିନୀତିରେ ମହାପ୍ରଭୁଙ୍କ ମେଣ୍ଢାପୋଡ଼ି ନୀତି ଅନୁଷ୍ଠିତ ହେବ। ମଧ୍ୟାହ୍ନ ଧୂପନୀତି ସରିବା ପରେ ଆଜ୍ଞାମାଳ ପାଇ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଦୋଳଗୋବିନ୍ଦ, ଶ୍ରୀଦେବୀ, ଭୂଦେବୀ ଦୋଳବେଦୀକୁ ବିଜେ କରିବେ। ସେଠାରେ ଗଜପତିଙ୍କ ପ୍ରତିନିଧି ମୁଦିରସ୍ତଙ୍କ ଉପସ୍ଥିତିରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା, ହୋମ, ଦେବନୀତି ଅନୁଷ୍ଠିତ ହେବ। ହୋଲିକା ରାକ୍ଷସୀକୁ ଦହନର ପ୍ରତିଫଳନ ସ୍ୱରୂପ ଏହି ମେଣ୍ଢାପୋଡ଼ି ନୀତି ଅନୁଷ୍ଠିତ ହୋଇଥାଏ ବୋଲି ବିଶ୍ୱାସ ରହିଛି।

***Desk***

# ବିଶ୍ୱ କିଡ୍‌ନୀ ଦିବସ

କିଡ୍‌ନୀ ବା ବୃକକ୍ ରୋଗର କାରଣ ଏବଂ ଏହାକୁ ପ୍ରତିହତ କରିବା ନେଇ ଜନସଚେତନତା ବୃଦ୍ଧି ଲକ୍ଷ୍ୟରେ ପ୍ରତିବର୍ଷ ମାର୍ଚ୍ଚ ମାସ ଦ୍ୱିତୀୟ ଗୁରୁବାରକୁ ବିଶ୍ୱ କିଡ୍‌ନୀ ଦିବସ ଭାବେ ପାଳନ କରାଯାଇଥାଏ। ଚଳିତବର୍ଷର ବାର୍ତ୍ତା ରହିଛି 'ଆପଣଙ୍କ କିଡ୍‌ନୀ ଠିକ୍ ଅଛିତ ? ପ୍ରାଥମିକ ସ୍ତରରୁ ଚିହ୍ନଟ କରନ୍ତୁ, କିଡ୍‌ନୀ ସ୍ୱାସ୍ଥ୍ୟକୁ ସୁରକ୍ଷା ଦିଅନ୍ତୁ'। ଅସନ୍ତୁଳିତ ଜୀବନଶୈଳୀ, ମାତ୍ରାଧିକ ପେନ୍‌କିଲର୍ ଔଷଧ ସେବନ, ମେଦବହୁଳତା, ଶରୀରରେ ଜଳୀୟ ଅଂଶ ଅଭାବ ଭଳି ଲକ୍ଷଣ କିଡ୍‌ନୀ ରୋଗର କାରଣ ହୋଇଥାଏ। ଉଚ୍ଚ ରକ୍ତଚାପ ଏବଂ ମଧୁମେହ ଦୀର୍ଘଦିନ ଧରି ଶରୀରରେ ରହିଲେ କିଡ୍‌ନୀ କ୍ଷତିଗ୍ରସ୍ତ ହୋଇଥାଏ। କିଡ୍‌ନୀ ରୋଗର ନିରାକରଣ ପାଇଁ ଯଥେଷ୍ଟ ଅତିକମ୍‌ରେ ଦିନକୁ ୮ ଗ୍ଲାସ୍ ପାଣି ପିଇବା ଦରକାର। ସୁଷମ

ଖାଦ୍ୟ ସହିତ ତଟକା ପନିପରିବା, ଫଳ, ନିୟମିତ ବ୍ୟାୟାମ ଏବଂ ଅନ୍ତତଃ ପକ୍ଷରେ ଅଢ଼େଇ ଘଣ୍ଟା ଚାଲିବା ଦରକାର । କେନ୍ଦ୍ର ଓ ରାଜ୍ୟ ସରକାର କିଡ୍‌ନୀ ରୋଗର ନିରାକରଣ ପାଇଁ ପ୍ରତ୍ୟେକ ସଦର ମହକୁମା' ଡାକ୍ତରଖାନାରେ ଚିକିତ୍ସା ବ୍ୟବସ୍ଥା ସହିତ କିଡ୍‌ନୀ ଡାଏଲିସିସ୍‌ର ବ୍ୟବସ୍ଥା କରିଛନ୍ତି ।

*Nabarangpur*

## ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା

ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ନବରଙ୍ଗପୁର ଜିଲ୍ଲାରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ଜିଲ୍ଲାପାଳ ଡକ୍ଟର ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅଚଳ ନଳକୂପଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବା ପାଇଁ ବୈଠକରେ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି । ପ୍ରତ୍ୟେକ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ଜଳ ଯୋଗାଣ ନିମନ୍ତେ ପାଞ୍ଚ ମିନିଟ୍ ସମୟ ବ୍ୟବଧାନ ବାଧ୍ୟତାମୂଳକ ରଖିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି ।

*HS*

## ପାଣିପାଗ

ଆଗାମୀ ୫ ଦିନ ପର୍ଯ୍ୟନ୍ତ ରାଜ୍ୟରେ ତାପାମତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଅନ୍ୟପକ୍ଷରେ ଆଜିଠାରୁ ୧୬ ତାରିଖ ପର୍ଯ୍ୟନ୍ତ ରାଜ୍ୟର କେତେକ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହର ମାତ୍ରା ବୃଦ୍ଧି ପାଇବା

ନେଇ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।  ଭୁବନେଶ୍ୱର ପାଣିପାଗ ବିଭାଗର ନିର୍ଦ୍ଦେଶିକା ମନୋରମା ମହାନ୍ତି ଆକାଶବାଣୀକୁ କହିଛନ୍ତି...

**- V/O –**

***Desk***

# ଆୟୁଷ୍ମାନ ଭାରତ

ରାଜ୍ୟରେ ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ଏବଂ ଗୋପବନ୍ଧୁ ଜନଆରୋଗ୍ୟ ସଂଯୁକ୍ତ ଯୋଜନା ଆସନ୍ତା ମାସ ପହିଲାରୁ କାର୍ଯ୍ୟକାରୀ କରାଯିବ । ଭୁବନେଶ୍ୱରରେ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ଯୋଜନାର ପ୍ରଚାର ପ୍ରସାର ପାଇଁ ରାଜ୍ୟର ସମସ୍ତ ୧ହଜାର ୪୩୮ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁଭାରମ୍ଭ ଅବସରରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।